## କରୋନା ମହାମାରୀ ମୁକାବିଲା ସମୟରେ ପ୍ରାଣୀସମ୍ପଦ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ଡିପ୍ ଲିଟର୍ ମାଧ୍ୟମରେ ୨୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହାୟତା

- କରୋନା ମହାମାରୀ ସମୟରେ ରାଜ୍ୟର ମହିଳାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ଡିପ୍ ଲିଟର୍ ମାଧ୍ୟମରେ ୨୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହାୟତା" ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଏହି ଯୋଜନାର ମୋଟ ଖର୍ଚ୍ଚ ଅଟକଳ ୧୦ କୋଟି ୧୨ ଲକ୍ଷ ଟଙ୍କା ଏବଂ ୧୦୦୨୦ ମହିଳା ୧୦୦୨ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ସହାୟତା ପାଇବେ।
- କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି।
- ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୪ ସପ୍ତାହ ବୟସର ୨୦୦ଗୋଟି କଳିଙ୍ଗ ବ୍ରାଉନ୍ କିମ୍ବା ରୋଡ଼ ଆଇଲାଣ୍ଡ ରେଡ୍ ପ୍ରଜାତିର ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ।
- ରାଜ୍ୟ ସରକାର ପ୍ରତ୍ୟେକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ୧ ଲକ୍ଷ ଟଙ୍କା (ଖର୍ଚ୍ଚ ଅଟକଳର ୫୦ ପ୍ରତିଶତ) ରିହାତି ଆକାରରେ ପ୍ରଦାନ କରିବେ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍ସ୍ତରୀୟ କମିଟି ଓ ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନ କରାଯିବ।







**ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ**

**ସରକାରୀ ଯୋଜନାର ସାହାଯ୍ୟ ନିଅନ୍ତୁ, ଚିନ୍ତା ନକରି ଜୀବିକା ନିର୍ବାହ କରନ୍ତୁ...**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର